## ମଦ ଜବତ, ମହିଳା ଗିରଫ

**ଛେଣ୍ଡିପଦା,(ସ୍ୱ.ପ୍ର.):** ଜରପଡା ପୋଲିସ ମଙ୍ଗଳବାର ଏକ ବସ୍ ଭିତରୁ ଚୋରା ଦେଶୀ ମଦ ଜବତ କରିବା ସହ ଜଣେ ମହିଳାଙ୍କୁ ଗିରଫ କରିଛି। ପୂର୍ବାହ୍ନ ୧୦ଟାରେ ଜରପଡାରୁ ଅନୁଗୋଳ ଆଡକୁ ଯାଉଥିବା ଉକ୍ତ ବସ୍‌ରେ ମଦ ଚାଲାଣ ହେଉଥିବା ଖବରପାଇ ଥାନା ଅଧିକାରୀ ପ୍ରଦୀପ କୁମାର ପ୍ରଧାନ, ଏସଆଇ ଶକୁନ୍ତଳା ଦେହୁରୀ ଗାଡ଼ିର ପିଛା କରିବା ସହ ସାନହିଂସରଠାରେ ଅଟକାଇଥିଲେ। ଯାଞ୍ଚ ବେଳେ ବସ୍‌ରେ ବସିଥିବା ଜଣେ ମହିଳାଙ୍କ ବ୍ୟାଗରୁ ୨୫ ଲିଟର ଦେଶୀ ମଦ ଜବତ କରାଯିବା ସହ ତାଙ୍କୁ ଗିରଫ କରାଯାଇଥିଲା। ଏ ନେଇ ଥାନାରେ ଏକ ମାମଲା ରୁଜୁ କରାଯାଇଛି।



## ସଂକ୍ଷେପରେ

### ଚୋରା କୋଇଲା ଟ୍ରକ୍ ଜବତ

**ଛେଣ୍ଡିପଦା,୯।୨(ସ୍ୱ.ପ୍ର.):** ଅନୁଗୋଳ ଜିଲା ପୋଲିସର ସ୍ପେଶାଲ ସ୍କ୍ୱାଡ୍ ସୋମବାର ବିଳମ୍ବିତ ରାତିରେ ଛେଣ୍ଡିପଦା ଚାରବାଟିଆ ଛକଠାରୁ ଏକ ଚୋରା କୋଇଲା ବୋଝେଇ ମିନି ଟ୍ରକ୍ ଜବତ କରିବା ସହ ଚାଳକ ପଳାଶବଣିଆଁ ଗ୍ରାମର କାଳିଆ ବେହେରା(୨୩)ଙ୍କୁ ଗିରଫ କରିଛି। ଉକ୍ତ ମିନିଟ୍ରକ୍ (ନଂ. ଓଆର୧୯ଏ-୪୩୮୫) ବାହାଳସାହି ଅଞ୍ଚଳରୁ ୫ଟନ୍ ଚୋରା କୋଇଲା ନେଇ ବୁଢାପାଳ ଆଡକୁ ଯାଉଥିବାବେଳେ ପୋଲିସ ହାବୁଡ଼ରେ ପଡ଼ିଥିଲା। ଏ ନେଇ ଏସ୍ଆଇ ଦିଗାମ୍ବର ଜେନା ଏକ ମାମଲା ରୁଜୁ କରି ଗିରଫ ଚାଳକଙ୍କୁ କୋର୍ଟ ଚାଲାଣ କରିଛନ୍ତି।

### ଜବରଦଖଲ ଘଟଣାର ତଦନ୍ତ

**ଛେଣ୍ଡିପଦା,୯।୨(ସ୍ୱ.ପ୍ର.):** ଛେଣ୍ଡିପଦା ତହସିଲ କୁମ୍ଭାରସାହି ରାସ୍ତା ଜବରଦଖଲ ଘଟଣାର ମଙ୍ଗଳବାର ତଦନ୍ତ କରିଛନ୍ତି ଛେଣ୍ଡିପଦା ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ। ସାଇକେୟାର ନର୍ସିଂହୋମ୍ ଠାରୁ କୁମ୍ଭାରସାହିକୁ ଯାଇଥିବା ଏହି ରାସ୍ତା ଉପରେ ଜବରଦଖଲ କରି ଜଣେ ବ୍ୟକ୍ତି ଘର କରୁଥିବା ନେଇ କୁମ୍ଭାରସାହି ବସିନ୍ଦା ତହସିଲଦାରଙ୍କ ନିକଟରେ ଅଭିଯୋଗ କରିଥିଲେ। ତହସିଲଦାର ଡାନିଏଲ ଏକ୍କାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ତହସିଲଦାର ପ୍ରକାଶ ଚନ୍ଦ୍ର ନାୟକ ଘଟଣାସ୍ଥଳକୁ ଯାଇ ତଦନ୍ତ କରିବା ସହ ଉଭୟ ପକ୍ଷଙ୍କୁ ଡାକି ରାସ୍ତା ଜବରଦଖଲମୁକ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ।

### ପୂର୍ବତନ ସରପଞ୍ଚଙ୍କ ପରଲୋକ

**ବଇଣ୍ଡା,୯।୨(ଡି.ଏନ.ଏ.):** କିଶୋରନଗର ବ୍ଲକ ଉରୁକୁଳା ପଞ୍ଚାୟତର ପୂର୍ବତନ ସରପଞ୍ଚ ସୁଫଳ ବେହେରାଙ୍କ ମଙ୍ଗଳବାର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ତାଙ୍କୁ ୫୭ ବର୍ଷ ହୋଇଥିଲା। ଅପରାହ୍ନରେ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିବା ସହ ବାସଭବନରେ ହିଁ ପ୍ରାଣ ହରାଇଥିଲେ। ଖବରପାଇ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ।

### ୨ ପଜିଟିଭ୍ ଚିହ୍ନଟ

**ଅନୁଗୋଳ ଅଫିସ, ୯।୨:** ଅନୁଗୋଳ ଜିଲାରେ ମଙ୍ଗଳବାର ଦୁଇ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ୍ କରୋନା ପଜିଟିଭ୍ ସଂଖ୍ୟା ୧୨ ହଜାର ୨୯୫ରେ ପହଞ୍ଚିଥିବା ଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ ସୂଚନା ଦେଇଛନ୍ତି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଅନୁଗୋଳ ପୌରାଞ୍ଚଳରୁ ଜଣେ ଓ ଛେଣ୍ଡିପଦା ବ୍ଲକରୁ ଜଣେ ରହିଛନ୍ତି। ସେହିପରି ଦିନକରେ ଜିଲାରୁ ୬ ଜଣ କରୋନାରୁ ସୁସ୍ଥ ହୋଇଥିବା ଜଣାପଡ଼ିଛି।

### ଦୁର୍ଘଟଣାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକଙ୍କ ମୃତ୍ୟୁ

**ବଇଣ୍ଡା,୯।୨(ଡି.ଏନ.ଏ.):** କଟକ-ସମ୍ବଲପୁର ୫୫ନଂ. ଜାତୀୟ ରାଜପଥର ଅନୁଗୋଳ ଜିଲା ହଣ୍ଡପା ଥାନା ନିକଟରେ ମଙ୍ଗଳବାର ସନ୍ଧ୍ୟା ୬ଟା ୩୦ରେ ଏକ ଟ୍ରକ୍ ଧକ୍କାରେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ହଣ୍ଡପା ଗ୍ରାମର ଶୁକଦେବ ମହାନ୍ତି (୭୫)ଙ୍କ ମୃତ୍ୟୁ ହୋଇଛି। ଶୁକଦେବ ନିଜ ସ୍କୁଟିରେ ହଣ୍ଡପା ହାଇସ୍କୁଲ ନିକଟରୁ ଘରକୁ ଫେରୁଥିବା ବେଳେ ସମ୍ମୁଖ ପଟୁ ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଗ୍ରାମବାସୀ ତାଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକଦେବଙ୍କ ମୃତ୍ୟୁ ହୋଇଯାଇଛି। ହଣ୍ଡପା ପୋଲିସ ଗାଡ଼ି ଦୁଇଟିକୁ ଜବତ କରି ତଦନ୍ତ ଚଳାଇଛି।

### ଆକାଉଣ୍ଟରୁ ନେଇଗଲେ ୩୪ ହଜାର

**ଅନୁଗୋଳ ଅଫିସ, ୯।୨:** ଅନୁଗୋଳ ଜିଲାରେ ସାଇବର ଅପରାଧ ବଢ଼ି ଚାଲିଛି। ମେଡିସିନ୍ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣେ ଯୁବକଙ୍କ କ୍ରେଡିଟ୍ କାର୍ଡ ଆକ୍ଟିଭ୍ କରିବା ଆଳରେ ମଙ୍ଗଳବାର ୩୪ ହଜାର ୫୧୬ ଟଙ୍କା ଆକାଉଣ୍ଟରୁ ଲୁଟି ନିଆଯାଇଥିବା ଅନୁଗୋଳ ଥାନାରେ ଅଭିଯୋଗ ହୋଇଛି। ଜଗତସିଂହପୁର ଅଞ୍ଚଳର ଦେବାଶିଷ ଦାସ ଅନୁଗୋଳକୁ କମ୍ପାନୀ କାର୍ଯ୍ୟରେ ଆସି ଏକ ହୋଟେଲରେ ରହିଥିଲେ। ତାଙ୍କ ଏସ୍‌ବିଆଇ କ୍ରେଡିଟ୍ କାର୍ଡ ଗତ ୭ ତାରିଖରେ ପହଞ୍ଚିଥିଲା। ଏହି କାର୍ଡ ଆକ୍ଟିଭ୍ ପାଇଁ ପିନ୍ ନମ୍ବର ସାଇବର ଠକ ମାଗିଥିଲେ। ପରେ ତାଙ୍କ ଆକାଉଣ୍ଟରୁ ଟଙ୍କା ଲୁଟି ନିଆଯିବାରୁ ସେ ତୁରନ୍ତ ଅନୁଗୋଳ ଥାନାର ଦ୍ୱାରସ୍ଥ ହୋଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା ଅନୁଗୋଳ ଥାନା ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ‘ବସୁଧା’ରୁ କୁରୁମଟାପ ବଞ୍ଚିତ

**ପରିକ୍ଷିତ ସାହୁ**
**ବଇଣ୍ଡା,୯।୨**

ପ୍ରତି ଘରେ ପହଞ୍ଚିବ ବିଶୁଦ୍ଧ ପାଇପ୍ ପାଣି। ଏଥିପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଏକାଧିକ ଯୋଜନା କାର୍ଯ୍ୟକାରୀ ହେଉଛି। ବିଶେଷକରି ‘ବସୁଧା’ ଯୋଜନାରେ ଗ୍ରାମାଞ୍ଚଳରେ ପାନୀୟ ଜଳ ପ୍ରକଳ୍ପମାନ ନିର୍ମାଣ କରାଯାଉଛି। କିନ୍ତୁ ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକର କୁରୁମଟାପ ପଞ୍ଚାୟତ ଏବେ ବି ଏହି ଯୋଜନାରୁ ବଞ୍ଚିତ ରହିଛି। ଏହି ପଞ୍ଚାୟତର ୭ଟି ଗାଁ ମଧ୍ୟରୁ ୬ ଗ୍ରାମବାସୀ ଜଳ ସଙ୍କଟର ସମ୍ମୁଖୀନ ହେଉଛନ୍ତି। ଗ୍ରୀଷ୍ମଋତୁରେ ନିକଟସ୍ଥ ନାଳରେ ଚୁଆ ଖୋଳି ଲୋକେ ପାଣି ସଂଗ୍ରହ କରୁଛନ୍ତି। ପଞ୍ଚାୟତର ସବୁ ଗ୍ରାମକୁ



ମନ୍ଦରବାହାଳ ଗ୍ରାମରେ ଦୀର୍ଘବର୍ଷ ତଳେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ଜରାଜୀର୍ଣ୍ଣ ଅବସ୍ଥାରେ।

ବିଶୁଦ୍ଧ ପାଇପ୍ ପାଣି ଯୋଗାଇ ଦେବାକୁ ୨୦୧୫ରୁ ଅଭିଯୋଗ କରାଯାଉଥିଲେ ମଧ୍ୟ ଏଯାଏ ପ୍ରଶାସନ ପକ୍ଷରୁ ସରକାରଙ୍କୁ ପ୍ରସ୍ତାବ ଦିଆଯାଇ ନାହିଁ।

୭ଟି ଗ୍ରାମକୁ ନେଇ ଗଠିତ କୁରୁମଟାପ ପଞ୍ଚାୟତର ଗୁଣ୍ଡୁରୀଖଲିରେ ୧୩୦ରୁ ଅଧିକ ପରିବାର ରହୁଛନ୍ତି। ସେହିପରି କୁରୁମଟାପରେ ୧୨୦ରୁ ଊର୍ଦ୍ଧ୍ୱ, ବରପଦାରେ ୫୦ରୁ ଅଧିକ, ବାଲିପଟାରେ ୬୫ରୁ ଊର୍ଦ୍ଧ୍ୱ, ଦାମଦରପୁରରେ ୬୦ରୁ ଅଧିକ, ବରପାଲିରେ ୮୦ରୁ ଊର୍ଦ୍ଧ୍ୱ ପରିବାର

- ୬ ଗ୍ରାମରେ ନାହିଁ ପାନୀୟ ଜଳ ପ୍ରକଳ୍ପ
- ଖରା ଆସୁଥିବାରୁ ପଞ୍ଚାୟତବାସୀଙ୍କ ଚିନ୍ତା ବଢ଼ୁଛି
- ଅଭିଯୋଗର ୫ ବର୍ଷ ପରେ ବି ଯାଇନି ପ୍ରସ୍ତାବ

ବସବାସ କରୁଛନ୍ତି। ମନ୍ଦରବାହାଳ ଗ୍ରାମରେ ୧୩୦ ପରିବାର ରହୁଥିବାବେଳେ ସେଠାରେ ଦୀର୍ଘବର୍ଷ ତଳେ ନିର୍ମିତ ଛୋଟ ପାନୀୟ ଜଳ ପ୍ରକଳ୍ପ ଲୋକଙ୍କ ପାଣି ଅଭାବ ପୂରଣ କରିପାରୁ ନାହିଁ। ପଞ୍ଚାୟତରେ ମୋଟ୍ ୪୮ଟି ନଳକୂଅ ଥିବାବେଳେ ସେଥିରୁ ୧୦ଟି ଅଚଳ ରହିଛି। ବାକି ୩୮ଟି ମଧ୍ୟରୁ ଅନେକରୁ ଲୁହାଗୁଣ୍ଡମିଶା ପାଣି ବାହାରୁଛି। ଫଳରେ ଏହା ବ୍ୟବହାରଯୋଗ୍ୟ ହୋଇପାରୁ ନାହିଁ। ଗ୍ରୀଷ୍ମଋତୁରେ ପଞ୍ଚାୟତବାସୀ ଉତ୍କଟ ଜଳାଭାବର ଶିକାର ହୋଇ ନାଳରେ ଚୁଆ ଖୋଳିବାକୁ ବାଧ୍ୟ ହେଉଛନ୍ତି। ତେଣୁ ବସୁଧା ଯୋଜନାରେ ପଞ୍ଚାୟତର ୭ଟି ଗ୍ରାମକୁ ପାଇପ୍ ପାଣି ଯୋଗାଇ ଦେବାକୁ ୧୨ ଫେବୃୟାରୀ ୨୦୧୫, ୨୦୧୭ ଓ ୨୦୧୮ରେ ପ୍ରଶାସନକୁ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲେ ମଧ୍ୟ ଏଯାଏ ସୁଫଳ ମିଳିନାହିଁ। ଏ ସମ୍ପର୍କରେ ଆଠମଲ୍ଲିକ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀ ଉମାକାନ୍ତ ବେହେରା କହିଛନ୍ତି, କୁରୁମଟାପ ପଞ୍ଚାୟତକୁ ବସୁଧା ଯୋଜନାରେ ସାମିଲ କରିବାକୁ ସରକାରଙ୍କୁ ପ୍ରସ୍ତାବ ଦିଆଯିବ। ଏଥିସହ ଅଚଳ ନଳକୂଅଗୁଡ଼ିକୁ ସଚଳ କରାଯିବ।

### ଦାବି ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ



ପଞ୍ଚାୟତର କୌଣସି ଗ୍ରାମରେ ବସୁଧା ଯୋଜନାରେ ଜଳଯୋଗାଣ ପ୍ରକଳ୍ପ ନିର୍ମାଣ କରାଯାଇ ନାହିଁ। ଏ ନେଇ ବହୁବାର ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯାଇଛି। କିନ୍ତୁ ଲୋକଙ୍କ ଦାବିପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ। ଗ୍ରୀଷ୍ମ ଆସିବା ପୂର୍ବରୁ ଏ ନେଇ ପଦକ୍ଷେପ ନିଆଗଲେ ଲୋକେ ଉପକୃତ ହେବେ।

–ସୁମନ୍ତ ବେହେରା, ସରପଞ୍ଚ

### ନଳକୂଅ ପାଣି ବ୍ୟବହାର ଅନୁପଯୁକ୍ତ

ଗୁଣ୍ଡୁରୀଖଲି ଗ୍ରାମରେ ୧୩୦ରୁ ଅଧିକ ପରିବାର ପାଇଁ ୪ଟି ନଳକୂଅ ରହିଛି। ସେଥିରୁ ୨ଟି ନଳକୂଅ ପାଣି ବ୍ୟବହାର କରିହେଉ ନାହିଁ। ଲୁହାଗୁଣ୍ଡ ମିଶା ଜଳ ବାହାରୁଥିବାରୁ ତାହାକୁ କେହି ପାନୀୟ ଭାବେ ବ୍ୟବହାର କରୁନାହାନ୍ତି। ନଳକୂଅ ମରାମତି ସହ ନୂଆ ପ୍ରକଳ୍ପ ନିର୍ମାଣର ବ୍ୟବସ୍ଥା କରାଯାଉ।



–ଅରୁଣ କୁମାର ସାହୁ, ଗ୍ରାମବାସୀ

### ସବୁ ପରିବାର ପାଉନାହାନ୍ତି



ମନ୍ଦରବାହାଳ ଗ୍ରାମରେ ଏକ ଜଳ ପ୍ରକଳ୍ପ ରହିଛି। ବହୁ ବର୍ଷ ତଳେ ଏହା ନିର୍ମାଣ ହୋଇଥିବାରୁ ବର୍ତ୍ତମାନର ଆବଶ୍ୟକତା ଅନୁଯାୟୀ ପାଣି ଯୋଗାଇ ପାରୁ ନାହିଁ। କେତେକ ସ୍ଥାନରେ ପାଇପ୍ ଫାଟି ଯାଇଥିବାରୁ ବହୁ ସାହିବାସୀ ବିଶୁଦ୍ଧ ଜଳରୁ ବଞ୍ଚିତ ରହିଛନ୍ତି। ସମସ୍ୟାର ସମାଧାନ ଲାଗି ପଦକ୍ଷେପ ନିଆଯାଉ।

– ଅନନ୍ତ ଚରଣ ସାହୁ, ଗ୍ରାମବାସୀ

### ବର୍ଷ ବର୍ଷ ଧରି ଅସୁବିଧା ଭୋଗୁଛୁ



ବରପଦା ଗ୍ରାମକୁ ବିଶୁଦ୍ଧ ପାଇପ୍ ପାଣି ଯୋଗାଇ ଦେବା ନିମନ୍ତେ ବହୁବାର ଅଭିଯୋଗପତ୍ର ପ୍ରଦାନ କରାଯାଇଛି। କିନ୍ତୁ ପ୍ରଶାସନ ଜଳକଷ୍ଟ ଦୂର କରିବା ଦିଗରେ ଆଗ୍ରହ ପ୍ରକାଶ କରୁନାହିଁ। ନଳକୂଅଗୁଡ଼ିକର ପାଇପ୍ ମଧ୍ୟ ବଦଳାଯାଉ ନାହିଁ। ଯଥାଶୀଘ୍ର ପଞ୍ଚାୟତକୁ ପାଇପ୍ ପାଣି ଯୋଗାଣର ବ୍ୟବସ୍ଥା କରାଯାଉ।

– ଜଗବନ୍ଧୁ ସାହୁ, ଗ୍ରାମବାସୀ

### ପୋଲିସକୁ ମାଡ଼ ଘଟଣାରେ ୯ ଗିରଫ

**ବଅଁରପାଳ,୯।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୂଷଣ ଥାନା ଆମନା ଗ୍ରାମରେ ସୋମବାର ପିଲା ଚୋରି ସନ୍ଦେହକୁ ନେଇ ପୋଲିସ ଓ ଗ୍ରାମବାସୀଙ୍କ ମଧ୍ୟରେ ଖଣ୍ଡଯୁଦ୍ଧ ହୋଇଥିଲା। ଏଥିରେ ୪ ପୋଲିସ ଆହତ ହୋଇଥିବା ବେଳେ ଲାଠି ମାଡ଼ରେ ଗ୍ରାମର କେତେଜଣ ଲୋକ ମଧ୍ୟ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ମଙ୍ଗଳବାର ବଅଁରପାଳ ପୋଲିସ ପକ୍ଷରୁ ଭୂଷଣ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଅଭିଯୋଗ ପାଇ ପୋଲିସ ନଂ. ୧୪/୨୦୨୧ରେ ମାମଲା ରୁଜୁ କରିବା ସହ ୯ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ଢେଙ୍କାନାଳ ଅତିରିକ୍ତ ଏସ୍‌ପି ଗଣେଶ୍ୱର ପ୍ରଧାନ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି।

### ତେଲ ଚୋରି ର‍୍ୟାକେଟ୍‌ର ୪ ଗିରଫ

**ବଅଁରପାଳ,୯।୨(ଡି.ଏନ.ଏ.)**

ଇଣ୍ଡିଆନ ଅଏଲ ପାଇପ୍ ଲାଇନ୍‌ର ବିଭିନ୍ନ ସ୍ଥାନରୁ ତେଲ ଚୋରି କରୁଥିବା ଏକ ର‍୍ୟାକେଟ୍‌ର ୪ ଜଣଙ୍କୁ ବଅଁରପାଳ ପୋଲିସ ମଙ୍ଗଳବାର ଗିରଫ କରିଛି। ଏହି ଅଭିଯୁକ୍ତମାନେ ହେଲେ ଉତ୍ତରପ୍ରଦେଶର ପ୍ରେମ ନାରାୟନ ଚୁହାନ, ପ୍ରଦୀପ କୁମାର ସିଂ, ପ୍ରଦୀପ କୁମାର ଦୁବେ ଓ ସନ୍ଦୀପ କୁମାର ସିଂ। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଥିବା ବେଳେ ଗିରଫ ୪ଜଣଙ୍କୁ କୋର୍ଟଚାଲାଣ କରାଯାଇଥିବା ଥାନା ସବଇନ୍ସପେକ୍ଟର ପି. ମଲିକ ସୂଚନା ଦେଇଛନ୍ତି।

## ଲିଖିତ ଅଭିଯୋଗ ପରେ ତଦନ୍ତ ନିର୍ଦ୍ଦେଶ

**ଅନୁଗୋଳ ଅଫିସ, ୯।୨**

ତାଳଚେର-ଅନୁଗୋଳ-ମେରାମଣ୍ଡଳି ଉନ୍ନୟନ କର୍ତ୍ତୃପକ୍ଷ (ତାମଡା) କାର୍ଯ୍ୟାଳୟରେ ସୋମବାର ଦରମା ସମସ୍ୟାକୁ ନେଇ ଜଣେ ମହିଳା କର୍ମଚାରୀ ଜନୈକ ଅଧିକାରୀଙ୍କୁ ପିଟିବାକୁ ଚପଲ ଉଠାଇବା ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି ଜିଲାପାଳ ତଥା ତାମଡା ଉପାଧ୍ୟକ୍ଷ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ। ମଙ୍ଗଳବାର ସମ୍ପୃକ୍ତ ଅଧିକାରୀ ଏ ନେଇ ତାମଡା ଉପାଧ୍ୟକ୍ଷ ଓ ଅନୁଗୋଳ ଥାନାରେ ଅଭିଯୋଗ କରିଛନ୍ତି।

ଅଭିଯୋଗରେ ଦର୍ଶାଯାଇଛି ଯେ, ସମ୍ପୃକ୍ତା ମହିଳା କର୍ମଚାରୀ ପୂର୍ବରୁ ପାରାଦୀପ ଉନ୍ନୟନ କର୍ତ୍ତୃପକ୍ଷଙ୍କ ଅଧୀନରେ କାର୍ଯ୍ୟ କରୁଥିଲେ। ୬ବର୍ଷ ହେବ ସେ ତାମଡାକୁ ଡେପୁଟେଶନ୍‌ରେ ଆସିଥିଲେ। ଏଠାରେ ତାଙ୍କ କାର୍ଯ୍ୟକାଳ ଗତ ଡିସେମ୍ବର ୩୦ରେ ଶେଷ ହୋଇଛି। ଏ ନେଇ କର୍ତ୍ତୃପକ୍ଷଙ୍କୁ ଜଣାଯିବା ସହ କିପରି ଦରମା ପ୍ରଦାନ କରାଯିବ, ସେ ନେଇ ଆଲୋଚନା ହୋଇଥିଲା। କର୍ତ୍ତୃପକ୍ଷ ୬ କର୍ମଚାରୀଙ୍କ ଦରମା ବନ୍ଦ ଓ ଦୁଇ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ଦରମା




### ପିଟିବାକୁ ଚପଲ ଉଠାଇବା ଘଟଣା

ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏ ବିଷୟରେ କ୍ୟାଶିୟରଙ୍କ ସହ ଆଲୋଚନା ବେଳେ ହଠାତ୍ ମହିଳା କର୍ମଚାରୀ ଜଣଙ୍କ ପୂର୍ବ ରାଗ ରଖି ଅଧିକାରୀଙ୍କୁ ଗାଳିଗୁଲଜ ସହ ପିଟିବାକୁ ଚପଲ ଉଠାଇଥିଲେ। ପରେ ତାଙ୍କ ସ୍ୱାମୀ ଓ ଅନ୍ୟ ଜଣେ ବ୍ୟକ୍ତିଙ୍କୁ ଧରି ମହିଳା କର୍ମଚାରୀ ତାମଡା କାର୍ଯ୍ୟାଳୟ ଆସି ଗାଳିଗୁଲଜ କରିଥିଲେ। ଅଧିକାରୀ ଜଣକ ନ ଥିବାରୁ ସେମାନେ ବାସଭବନରେ ପହଞ୍ଚି ତାଙ୍କ ସ୍ତ୍ରୀଙ୍କୁ ଟଣାଓଟରା ସହ ଧମକ ଦେଇଥିଲେ। ଅଭିଯୋଗ ସମ୍ପର୍କରେ ମହିଳା କର୍ମଚାରୀଙ୍କୁ ଯୋଗାଯୋଗ ସମ୍ଭବ ନ ହେବାରୁ ମତାମତ ମିଳିପାରି ନାହିଁ। ତେବେ ତାଙ୍କ ସ୍ୱାମୀ କହିଛନ୍ତି, କାହାରିକୁ କିଛି କହିନାହିଁ। କେବଳ ସ୍ତ୍ରୀଙ୍କୁ ଆଣିବାକୁ ତାମଡା କାର୍ଯ୍ୟାଳୟକୁ ଯାଇଥିଲି। ଜିଲାପାଳ ସ୍ୱାଇଁ କହିଛନ୍ତି, ଘଟଣାର ତଦନ୍ତ କରିବାକୁ ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ(ପିଡି)ଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ସେ ରିପୋର୍ଟ ଦେବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ।

## ରସାୟନ ବିଜ୍ଞାନ ବିଭାଗ ତରଫରୁ ୱେବିନାର

**ଖମାର,୯।୨**

ପାଲଲହଡ଼ା ବ୍ଲକ ଖମାରସ୍ଥିତ ଉତ୍କଳମଣି ଗୋପବନ୍ଧୁ ମହାବିଦ୍ୟାଳୟ ରସାୟନ ବିଭାଗ ତରଫରୁ ଏକ ଜାତୀୟସ୍ତରୀୟ ୱେବିନାର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଅକ୍ଷୟ କୁମାର ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଚେନ୍ନାଇସ୍ଥିତ ଭାରତୀୟ ପ୍ରଯୁକ୍ତି ବିଜ୍ଞାନ ଅନୁଷ୍ଠାନର ପ୍ରଫେସର ଦିଲୀପ କୁମାର ଚାନ୍ଦ ଆଲୋଚନାଚକ୍ରରେ ଭାଗ ନେଇ ‘ସେଲ୍‌ଫ ଆସେମ୍ବଲେଡ ମଲିକୁଲାର ଆର୍କିଟେକ୍ଚର୍ସ’ ଉପରେ ଆଲୋକପାତ କରିଥିଲେ। ବିଭାଗ ମୁଖ୍ୟ ତଥା ୱେବିନାର ସଂଯୋଜକ ଧନଞ୍ଜୟ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ସହ ସଂଯୋଜିକା ଅଧ୍ୟାପିକା ଶୁଚିସ୍ମିତା ଧଳ ବିଶୋଇ ଧନ୍ୟବାଦ ଅର୍ପଣ କରିଥିଲେ। ରାଜ୍ୟର ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜରୁ ପାଖାପାଖି ୬୫ ଜଣ ଅଧ୍ୟାପିକା, ଅଧ୍ୟାପିକା ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ।

## ସଡ଼କ ସୁରକ୍ଷା ସଚେତନତା ଶୋଭାଯାତ୍ରା




ଅତିଥି ପତାକା ଦେଖାଇ ଶୋଭାଯାତ୍ରା ଉଦ୍‌ଘାଟନ କରୁଛନ୍ତି।

**ଛେଣ୍ଡିପଦା,୯।୨(ସ୍ୱ.ପ୍ର.)**

ଛେଣ୍ଡିପଦା ବ୍ଲକ ଗୋପୀନାଥପୁର ଠାରେ ସଡ଼କ ସୁରକ୍ଷା ସମ୍ପର୍କିତ ଏକ ସଚେତନତା ଶୋଭାଯାତ୍ରା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ତାରା ମୋଟର୍ସ ଏବଂ ଜିନ୍ଦଲ ପେଟ୍ରୋଲ ପମ୍ପ ସ୍ୱତ୍ତ୍ୱାଧିକାରୀ କୈଳାଶ ଚନ୍ଦ୍ର ଅଗ୍ରୱାଲଙ୍କ ପୌରୋହିତ୍ୟରେ ଆୟୋଜିତ ଏହି ଶୋଭାଯାତ୍ରାକୁ ତହସିଲଦାର ଡାନିଏଲ୍ ଏକ୍କା ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। କମ୍ପାନୀ କର୍ମଚାରୀମାନେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ଶୋଭାଯାତ୍ରାରେ ବାହାରି ହେଲମେଟ୍, ସେଫ୍‌ଟି ବେଲ୍ଟ ପିନ୍ଧିବା, ମୋଟରସାଇକେଲରେ ୨ରୁ ଅଧିକ ବ୍ୟକ୍ତି ନ ବସିବା ଆଦି ସମ୍ପର୍କରେ ଲୋକଙ୍କୁ ସଚେତନ କରିଥିଲେ। ପରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ଶିଶୁ ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ବସନ୍ତ ସାହୁ ଏବଂ କୈଳାଶ ଚନ୍ଦ୍ର ଅଗ୍ରୱାଲ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। କର୍ମଚାରୀ ଅନିଲ କୁମାର ସାହୁ, ସୁଜିତ ସାହୁ, ବସନ୍ତ ସାହୁ, କୁଲୁ ସାହୁ, ଅରୁଣ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ।

## ଜେଏସ୍‌ପିଏଲ୍ ଫୁଟ୍‌ସଲ ଉଦ୍‌ଯାପିତ

**ଅନୁଗୋଳ ଅଫିସ, ୯।୨**

ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର ଲିମିଟେଡ (ଜେଏସ୍‌ପିଏଲ୍)ର ଜିନ୍ଦଲ ଅଫିସର୍ସ କ୍ଲବ (ଜେଓସି) ଦ୍ୱାରା ଆୟୋଜିତ ଆନ୍ତଃ ବିଭାଗୀୟ ବାର୍ଷିକ ଫୁଟବଲ ଟୁର୍ଣ୍ଣାମେଣ୍ଟ ‘ଫୁଟସଲ- ୨୦୨୧’ ଉଦ୍‌ଯାପିତ ହୋଇଯାଇଛି। ଅନୁଗୋଳ ପ୍ରକଳ୍ପର ସିଜିପି, ଆର୍‌ଏମ୍‌ଏଚ୍‌ଏସ୍, କୋଲ ୱାଶେରୀ, ଲଜିଷ୍ଟିକ୍ସ ଆଦି ବିଭାଗର ଖେଳାଳିଙ୍କୁ ନେଇ ଗଠିତ ଜୋସ ଦଳ ଏଥିରେ ଚାମ୍ପିୟନ ହୋଇଥିଲା। ଜୋସ୍ ଓ ସୁଟ୍‌ଆଉଟ ମଧ୍ୟରେ ଫାଇନାଲ ମ୍ୟାଚ ଖେଳାଯାଇଥିଲା। ଏଥିରେ ଜୋସ୍ ଦଳ ୨-୧ ଗୋଲରେ ସୁଟ୍‌ଆଉଟ୍ ଦଳକୁ ପରାସ୍ତ କରିଥିଲା। ଗତ ୧ ତାରିଖରୁ ଆରମ୍ଭ ହୋଇଥିବା ଏହି ପ୍ରତିଯୋଗିତାକୁ ଅନୁଗୋଳ ପ୍ରକଳ୍ପ ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା ଉଦ୍‌ଘାଟନ କରିଥିଲେ। ଜେଏସ୍‌ପିଏଲ୍ ସଭାପତି ତଥା ଜିନ୍ଦଲ ଅଫିସର୍ସ କ୍ଲବ ସାଧାରଣ ସମ୍ପାଦକ ଦାମୋଦର ମିତ୍ତଲ ଉଦ୍‌ଯାପନ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୋଗଦାନ କରି ପୁରସ୍କାର ପ୍ରଦାନ କରିଥିଲେ। ସିଜିପି ବିଭାଗ ଇଭିପି ଏ.ଏନ. ତିୱାରୀ, ଏଭିପି ଆଇରନ ଜୋନ ଆଶିଷ ପାଣ୍ଡେ, ନିରାପତ୍ତା ବିଭାଗ ମୁଖ୍ୟ ସୁଶୀଲ ଲୋଧିଙ୍କ ସମେତ ଅନେକ ବିଭାଗୀୟ ମୁଖ୍ୟ ଏବଂ ଦର୍ଶକ ଉପସ୍ଥିତ ଥିଲେ।



ଚାମ୍ପିୟନ ହୋଇଥିବା ଜୋସ୍ ଦଳର ଖେଳାଳିମାନେ।

## ତାଳଚେର ସବୁଠୁ ବଡ଼ କ୍ଷେତ୍ର ହୋଇପାରିବ

**ତାଳଚେର,୯।୨(ନି.ପ୍ର.)**

ଅନୁଗୋଳ ଜିଲା ତାଳଚେରଠାରେ ଥିବା ମହାନଦୀ କୋଲ୍ ଫିଲଡ୍‌ସ ଲିମିଟେଡ (ଏମ୍‌ସିଏଲ୍) ବର୍ତ୍ତମାନ ସୁଦ୍ଧା ୧୨୦ ମିଲିୟନ ଟନ୍ କୋଇଲା ଉତ୍ତୋଳନ କରିସାରିଛି। ଏହି ଉତ୍ପାଦନ ହାର ବଜାୟ ରହିଲେ ଏମ୍‌ସିଏଲ୍ ଆଗାମୀ ଦିନରେ କୋଲ୍ ଇଣ୍ଡିଆ (ସିଆଇଏଲ୍)ର ୧ ନମ୍ବର କୋଇଲା କମ୍ପାନୀରେ ପରିଗଣିତ ହେବ ବୋଲି ସିଏମ୍‌ଡି ପ୍ରଭାତ କୁମାର ସିହ୍ନା ପ୍ରକାଶ କରିଛନ୍ତି।

ମଙ୍ଗଳବାର ଦିନିକିଆ ତାଳଚେର ଗସ୍ତରେ ଆସିଥିବା ସିଏମ୍‌ଡି ସିହ୍ନା ଲିଙ୍ଗରାଜ ଓପନକାଷ୍ଟ କୋଇଲା ଖଣି ପରିଦର୍ଶନ କରିବା ସହ ଉତ୍ପାଦନ, ପରିବହନର ସମୀକ୍ଷା କରିଥିଲେ। ବାର୍ଷିକ ଉତ୍ପାଦନ ଲକ୍ଷ୍ୟ ହାସଲ ପାଇଁ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେବା ସହିତ ତଦ୍‌ଜନିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ପରେ ଖବରଦାତାଙ୍କ ସହ ଆଲୋଚନା ବେଳେ ଚଳିତ ଆର୍ଥିକ ବର୍ଷରେ ଏମ୍‌ସିଏଲ୍ ପାଇଁ ୧୬୦ ମିଲିୟନ ଟନ୍ କୋଇଲା ଉତ୍ପାଦନ ନିମନ୍ତେ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିବା ପ୍ରକାଶ କରିଥିଲେ। ସେ କହିଥିଲେ, ଚଳିତବର୍ଷ ଏମ୍‌ସିଏଲ୍ ୧୫୦ ମିଲିୟନ ଟନ୍‌ରୁ ଅଧିକ ଉତ୍ତୋଳନ କରିବ। ସେଥିରୁ ଏବେ ସୁଦ୍ଧା ୧୨୦.୫୯ ମିଲିୟନ ଟନ୍ ଉତ୍ତୋଳନ ହୋଇସାରିଛି। ଆଗାମୀ ଦିନରେ ଏମ୍‌ସିଏଲ୍ ବିଭିନ୍ନ ଖଣିରୁ କୋଇଲା ଉତ୍ପାଦନ ବୃଦ୍ଧି ପାଇଁ ଚେଷ୍ଟା ଜାରି ରଖିବ। ଅନୁଗୋଳ, ଝାରସୁଗୁଡା, ସୁନ୍ଦରଗଡ଼ ଅଞ୍ଚଳରୁ ଦୈନିକ ୫.୭୦ ଲକ୍ଷ ଟନ୍ କୋଇଲା ଉତ୍ପାଦନ ପାଇଁ ଧାର୍ଯ୍ୟ ହୋଇଥିବା ବେଳେ ୫.୩୦ ଲକ୍ଷ ଟନ୍ ଉତ୍ତୋଳନ ହେଉଛି। ତାଳଚେର ଅଞ୍ଚଳରେ ବିପୁଳ କୋଇଲା ସଂରକ୍ଷିତ ରହିଛି। ଏହାର ସଦ୍‌ବିନିଯୋଗ କରାଗଲେ ଏହା ଭାରତର ସବୁଠାରୁ ବଡ଼ କୋଇଲା କ୍ଷେତ୍ର ହୋଇପାରିବ। ତେବେ ଜମି ସମସ୍ୟା ଯୋଗୁ ଖଣି କାର୍ଯ୍ୟରେ ବାଧାସୃଷ୍ଟି ହେଉଛି। ସମସ୍ୟାର ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ରଖାଯାଉଛି। ତେଣୁ ଜନସାଧାରଣ ସହଯୋଗ କରିବାକୁ ସିଏମ୍‌ଡି ସିହ୍ନା ନିବେଦନ କରିଥିଲେ। କରୋନା ଯୋଗୁ କୋଇଲା ଚାହିଦା ହ୍ରାସ ପାଇବା ଚିନ୍ତାଜନକ। ଟ୍ରକ୍ ମାଲିକଙ୍କ ସମସ୍ୟା ସମ୍ପର୍କରେ ଏମ୍‌ସିଏଲ୍ ଅବଗତ ଅଛି ଓ ସମାଧାନ ପାଇଁ ପଦକ୍ଷେପ ନେଉଛି। ସିଏମ୍‌ଡିଙ୍କ ଏହି ଗସ୍ତ ବେଳେ ଏମ୍‌ସିଏଲ୍‌ର ଡାଇରେକ୍ଟର ଟେକ୍ନିକାଲ ଓ.ପି. ସିଂହଙ୍କ ସମେତ ବିଭିନ୍ନ ବରିଷ୍ଠ ପଦାଧିକାରୀ ଓ ଜେନେରାଲ ମ୍ୟାନେଜରମାନେ ଉପସ୍ଥିତ ଥିଲେ।



ଖଣି ପରିଦର୍ଶନ ବେଳେ କୋଲ୍ ଇଣ୍ଡିଆ ସିଏମ୍‌ଡିଙ୍କ ସହ ଅନ୍ୟ ଅଧିକାରୀମାନେ।

- କୋଲ୍ ଇଣ୍ଡିଆ ସିଏମ୍‌ଡିଙ୍କ ଦିନିକିଆ ଗସ୍ତ
- କୋଇଲା ଉତ୍ତୋଳନ, ପରିବହନର ସମୀକ୍ଷା
- ଉତ୍ପାଦନ ବଜାୟ ରଖିଲେ ଏମ୍‌ସିଏଲ୍ ହେବ ନମ୍ବର ୱାନ

## ସଂକ୍ଷେପରେ

### ସଫେଇ ଆଳରେ ସୁନା ଠକେଇ, ୨ ଅଟକ



**ଭୁବନ, ୯।୨(ଡି.ଏନ୍.ଏ.):** ଢେଙ୍କାନାଳ ଜିଲା ଭୁବନ ଥାନା ସୁରପ୍ରତାପପୁର ଫାଣ୍ଡି ଅନ୍ତର୍ଗତ ବମୁଆ ଗ୍ରାମରେ ସୁନା ଅଳଙ୍କାର ସଫେଇ ଆଳରେ ଠକେଇ କରୁଥିବା ବେଳେ ୨ ଯୁବକ ଧରାପଡ଼ିଛନ୍ତି। ଗ୍ରାମବାସୀ ସେମାନଙ୍କୁ ଧରି ପୋଲିସ ଜିମା ଦେଇଛନ୍ତି। ଖବର ଲେଖାଯିବା ସୁଦ୍ଧା ବିଧିବଦ୍ଧ ଭାବେ ଥାନାରେ କୌଣସି ଅଭିଯୋଗ ହୋଇ ନାହିଁ। ପୋଲିସ ତଦନ୍ତ ଜାରି ରଖିଥିବା ଥାନାଧିକାରୀ ଜିତେନ୍ଦ୍ର କୁମାର ସାହୁ ସୂଚନା ଦେଇଛନ୍ତି। ଗ୍ରାମବାସୀଙ୍କ କହିବା କଥା, ହିନ୍ଦୀରେ କଥାବାର୍ତ୍ତା କରୁଥିବା ଦୁଇଜଣ ଯୁବକ ମଙ୍ଗଳବାର ଗ୍ରାମକୁ ବାଇକ୍‌ରେ ଆସିଥିଲେ। ସୁନା ଅଳଙ୍କାର ସଫେଇ କରିବାକୁ କହି ସେମାନେ ମହିଳାଙ୍କୁ ପ୍ରଭାବିତ କରିବାରେ ସକ୍ଷମ ହୋଇଥିଲେ। ଯୁବକଙ୍କ ବ୍ୟବହାର ଏବଂ ସୁନା ଓଜନରେ କମିଯିବା ପରେ ସନ୍ଦେହ ଉପୁଜିଥିଲା। ଜଣେ ମହିଳା ଏ ସଂକ୍ରାନ୍ତରେ ପାଖପଡ଼ୋଶୀଙ୍କୁ ଜଣାଇବା ପରେ ଲୋକେ ଏକାଠି ହୋଇ ଦୁଇ ଅଭିଯୁକ୍ତଙ୍କୁ ଧରିଥିଲେ। ଅଭିଯୁକ୍ତଙ୍କ ଘର ବିହାରରେ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ସେମାନଙ୍କୁ ଅଟକ ରଖି ପଚରାଉଚୁରା କରାଯାଉଥିବା ଥାନାଧିକାରୀ କହିଛନ୍ତି।

### ଦୁର୍ଘଟଣାରେ ଯୁବକ ମୃତ

**ରାସୋଳ, ୯।୨(ଡି.ଏନ୍.ଏ.):** ହିନ୍ଦୋଳ ବ୍ଲକ ରାସୋଳ ଥାନା କାରନ୍ଦା ରାଧାଦେଇ ଛକ ନିକଟରେ ସୋମବାର ସନ୍ଧ୍ୟାରେ ୨ ବାଇକ୍ ମଧ୍ୟରେ ମୁହାଁମୁହିଁ ଧକ୍କା ହୋଇଛି। ଏଥିରେ କୁରୁମିଠା ଗ୍ରାମର ଅଭିରାମ ଭୋଇଙ୍କ ମୃତ୍ୟୁ ଘଟିଛି। ତାଙ୍କ ଭାଇ ବାପି ଭୋଇ ଗୁରୁତର ହୋଇଛନ୍ତି। ଉଭୟେ ଏକ ବାଇକ୍‌ରେ ଗୁଡ଼ିଆକାଟେଣୀରୁ ଘରକୁ ଫେରୁଥିବାବେଳେ ରାଧାଦେଇ ଛକ ନିକଟରେ ବିପରୀତ ପାର୍ଶ୍ୱରୁ ବାଇକ୍‌ରେ ଆସୁଥିବା ଅନୁଗୋଳ ଜିଲା ଡେରେଜାଙ୍ଗର ମନୋଜ ବେହେରାଙ୍କ ସହ ମୁହାଁମୁହିଁ ଧକ୍କା ହୋଇଥିଲା। ଦୁଇଭାଇଙ୍କୁ ହିନ୍ଦୋଳ ଡାକ୍ତରଖାନାକୁ ପଠାଯାଇଥିଲା। ସେଠାରେ ଅଭିରାମଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ। ପୋଲିସ ଘଟଣାର ତଦନ୍ତ କରୁଛି।

### କଂଗ୍ରେସର ନୂତନ ବ୍ଲକ, ଏନ୍ଏସି ସଭାପତି

**ଢେଙ୍କାନାଳ ଅଫିସ, ୯।୨:** ଢେଙ୍କାନାଳ ଜିଲା କଂଗ୍ରେସ କମିଟି ପକ୍ଷରୁ ସମସ୍ତ ବ୍ଲକ, ଏନ୍ଏସି ଏବଂ ପୌରସଂସ୍ଥାର ନୂତନ ସଭାପତିଙ୍କ ନାମ ଘୋଷଣା କରାଯାଇଛି। ପ୍ରଦେଶ କଂଗ୍ରେସ ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଜିଲା ସଭାପତି ସରୋଜ ପଟ୍ଟନାୟକ ନୂତନ କର୍ମକର୍ତ୍ତାଙ୍କ ନାମ ଘୋଷଣା କରିଛନ୍ତି। ସଦର ବ୍ଲକ ସଭାପତି ଭାବେ ବିମ୍ବାଧର ଧଳ, ଗଁଦିଆର ଶେଷଦେବ ମହାପାତ୍ର, କାମାକ୍ଷାନଗରର ଶରତ ପଟ୍ଟନାୟକ, ଏନ୍ଏସିର ଦୁଃଶାସନ ସାହୁ, ଭୁବନ ବ୍ଲକର ଭାଗୀରଥି ଜେନା, ଏନ୍ଏସିର ମନୋଜ ସାହୁ, ହିନ୍ଦୋଳର ଛବିରାଜ ବିଶ୍ୱାଳ, ଏନ୍ଏସିର ବିଶ୍ୱେଶ୍ୱର ସେଠୀ, ପରଜଙ୍ଗର ନଗେନ ବିନାୟକ, କଙ୍କଡ଼ାହାଡ଼ ବ୍ଲକର ଧନେଶ୍ୱର ସାହୁ, ଓଡ଼ାପଡ଼ା ବ୍ଲକର ସୁଶାନ୍ତ ଧଳ, ଢେଙ୍କାନାଳ ପୌରାଞ୍ଚଳର ହାଇଦର ମହମ୍ମଦ ନୂତନ ସଭାପତି ଭାବେ ନିଯୁକ୍ତି ପାଇଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

**ଢେଙ୍କାନାଳ ଅଫିସ, ୯।୨:** ଢେଙ୍କାନାଳ ସହର ଅମଲାପଡ଼ା ଅଞ୍ଚଳର ସାମାଜିକ କର୍ମୀ ତଥା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ମଦନ ରାଉତଙ୍କ ମଙ୍ଗଳବାର ପରଲୋକ ହୋଇଯାଇଛି। ତାଙ୍କୁ ୮୮ବର୍ଷ ହୋଇଥିଲା। ଅନ୍ତିମ ସମୟରେ ପରିବାର ସଦସ୍ୟ ଏବଂ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ସୂଚନା ପାଇ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପହଞ୍ଚି ଅନ୍ତିମ ଦର୍ଶନ କରିଥିଲେ। ସେ ଭାଗବତ ପାଠ ସମେତ ବିଭିନ୍ନ ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ ରଖିଥିଲେ। ତାଙ୍କ ପରଲୋକରେ ଶୋକର ଛାୟା ଖେଳିଯାଇଛି। ସେ ହେଉଛନ୍ତି ଯୁବ ବିଜେଡି ନେତା ଗଙ୍ଗାଧର ରାଉତଙ୍କ ବାପା।

# ହେଲ୍‌ମେଟ୍ ଜଗି ହାଲିଆ

- କଟକଣାକୁ ଖାତିର କରୁନାହାନ୍ତି ଯୁବଗୋଷ୍ଠୀ
- ପୋଲିସକୁ ଚକ୍‌ମା ଦେଇ ଖସି ପଳାଉଛନ୍ତି
- ନୂଆବର୍ଷରୁ ଅଦ୍ୟାବଧି ୩୭୬ରୁ ଊର୍ଦ୍ଧ୍ୱ ମାମଲା
- ଯାଞ୍ଚ କଡ଼ାକଡ଼ି କରିବାକୁ ଦାବି କଲେ ବୁଦ୍ଧିଜୀବୀ



**କାମାକ୍ଷାନଗର, ୯।୨(ଡି.ଏନ୍.ଏ.)**

ଆଗରେ ଅମାନିଆ ବାଇକ୍‌ଚାଳକ। ପଛରେ ପୋଲିସ। ଚାଲିଛି ଛକାପଞ୍ଝା। ବିନା ହେଲ୍‌ମେଟରେ ସହରରେ ସ୍ପିଡ୍ ବାଇକ୍ ଧରି ଚକ୍କର କାଟୁଛନ୍ତି ଅନେକେ। ବାଏଁ ବାଏଁ ଉଡ଼ାଇ ଦେଉଛନ୍ତି ଟ୍ରାଫିକ୍ ନିୟମ। ଧରାପଡ଼ିଲେ ନାଲି ଆଖି ଦେଖାଉଛନ୍ତି। ଚାପ ପକାଇ ସହଜରେ ମୁକୁଳି ଯାଉଛନ୍ତି। ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱରେ ବନ୍ଧା ହୋଇଥିବା ପୋଲିସ ହେଲ୍‌ମେଟ ଧରିବାକୁ ଯାଇ ନୟାନ୍ତ ହେଉଥିବାବେଳେ ଯେଉଁ ଉଦ୍ଦେଶ୍ୟ ରଖି ନୂତନ ମୋଟର ଯାନ ନିୟମ ଅଣାଯାଇଛି, ତାହା ଫସର ଫାଟିବ ବୋଲି ଆଶଙ୍କା ବ୍ୟକ୍ତ କଲେଣି ଢେଙ୍କାନାଳ ଜିଲା କାମାକ୍ଷାନଗର ଅଞ୍ଚଳର ସଚେତନ ନାଗରିକ।

ଦୁର୍ଘଟଣାଜନିତ ମୃତ୍ୟୁହାର କମାଇବା ଲାଗି କଡ଼ାକଡ଼ି କରାଯାଇଛି ନୂତନ ମୋଟର ଯାନ ନିୟମ। ବାଇକ୍ ଆରୋହୀଙ୍କୁ ହେଲ୍‌ମେଟ୍ ପରିଧାନ ବାଧ୍ୟତାମୂଳକ କରାଯାଇଛି। ସେହିପରି ଚାରିଚକିଆ ଯାନରେ ସିଟ୍‌ବେଲ୍ଟ ବାନ୍ଧିବା, ଆବଶ୍ୟକ କାଗଜପତ୍ର ସାଙ୍ଗରେ ରଖିବାକୁ କୁହାଯାଉଛି। ଜାନୁୟାରୀ ପହିଲାରୁ ସାରା ରାଜ୍ୟରେ କଟକଣା କଡ଼ାକଡ଼ି କରାଯାଇଛି। ନିୟମ ଉଲ୍ଲଂଘନକାରୀଙ୍କଠାରୁ ମୋଟା ଅଙ୍କର ଜରିମାନା ଆଦାୟ କରାଯାଉଛି। ଏହାସତ୍ତ୍ୱେ ଯୁବଗୋଷ୍ଠୀ, କ୍ଷମତାଶାଳୀ ଗୋଷ୍ଠୀ ନିୟମ ମାନୁନାହାନ୍ତି। ହେଲମେଟ୍ ପିନ୍ଧିବା ଅପେକ୍ଷା ଫାଇନ ଦେବାକୁ ଶ୍ରେୟ ମଣୁଛନ୍ତି। ବିନା ଲାଇସେନ୍ସରେ ବାଇକ୍ ଚଳାଇଲେ ୨ହଜାର ଟଙ୍କା, ୨ଜଣରୁ ଅଧିକ ବସିଲେ ୧ ହଜାର ଟଙ୍କା ଫାଇନ ବ୍ୟବସ୍ଥା ରହିଛି ; ହେଲେ ଏହାକୁ ଅନେକେ ଖାତିର କରୁନାହାନ୍ତି। ଗୋଟିଏ ଛକରେ ଯାଞ୍ଚ ବେଳେ ଅନ୍ୟ ରାସ୍ତାଦେଇ ଖସି ପଳାଉଛନ୍ତି। କାମାକ୍ଷାନଗର ସହର ଏବଂ ଏହାର ଆଖପାଖରେ ହାତଗଣତି ବାଇକ୍ ଆରୋହୀ ହେଲ୍‌ମେଟ୍ ପରିଧାନ କରୁଥିବା ଦେଖିବାକୁ ମିଳୁଛି। ଗାଡ଼ି ଚଳାଇବା ସମୟରେ ଚାଳକ ମୋବାଇଲ ବ୍ୟବହାର କଲେ ୫ହଜାର ଟଙ୍କା ଜରିମାନା ନିୟମ ଥିବାବେଳେ ଯୁବଗୋଷ୍ଠୀ ଏହାକୁ ଅଣଦେଖା କରୁଛନ୍ତି। ପୋଲିସ ପକ୍ଷରୁ ସେଭଳି ଧରପଗଡ଼ ହେଉନାହିଁ। ଅନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏବଂ କର୍ମଚାରୀ ଅଭାବ କାରଣ ଦର୍ଶାଇ ବିଭାଗ ଏହାକୁ ସେତେଟା ଗୁରୁତ୍ୱ ଦେଉ ନ ଥିବା ଅଞ୍ଚଳର ବୁଦ୍ଧିଜୀବୀ ଅଭିଯୋଗ କରିଛନ୍ତି। ପୋଲିସ ପକ୍ଷରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲେ ଅମାନିଆମାନେ ସାବାଡ଼ ହେବେ ବୋଲି ସେମାନେ କହିଛନ୍ତି।

### ସାର୍‌ମାନେ ପିନ୍ଧୁନାହାନ୍ତି, ଆମେ କାହିଁକି...

ହେଲ୍‌ମେଟ ନିୟମକୁ ନେଇ ଛାତ୍ରୀଛାତ୍ର କେତେ ସଚେତନ, ତାହା ଜାଣିବା ଲାଗି 'ଧରିତ୍ରୀ' ପହଞ୍ଚିଥିଲା କାମାକ୍ଷାନଗର ଏବଂ ମଠକରଗୋଳା କଲେଜରେ। ଏ ସମ୍ପର୍କରେ ପଚାରିବାରେ କେତେଜଣ ପିଲା ନିଜର ନାମ ଗୋପନ ରଖି କହିଲେ, ସାର୍‌ମାନେ ତ ପିନ୍ଧୁନାହାନ୍ତି, ଆମେ କାହିଁକି ପିନ୍ଧିବୁ। ସେହିପରି ହେଲମେଟ୍ ପିନ୍ଧିଲେ କେଶ ବିନ୍ୟାସ ନଷ୍ଟ ହୋଇଯିବ ବୋଲି କେତେଜଣ ଛାତ୍ରୀ ମନ୍ତବ୍ୟ ରଖିଥିଲେ। ସେହିପରି ଯୁକ୍ତ ୨ ଶ୍ରେଣୀର ଅଧିକାଂଶ ଛାତ୍ରୀଛାତ୍ର ବିନା ଲାଇସେନ୍ସରେ ଗାଡ଼ି ଧରି ଆସୁଥିବା ପଚରାଉଚୁରାରୁ ଜଣାପଡ଼ିଛି।

### ସବୁବେଳେ ଯାଞ୍ଚ କରିବା ସମ୍ଭବ ହେଉନାହିଁ



"ସାଧାରଣ ଲୋକଙ୍କ ହିତରେ ଆଇନ ପ୍ରଣୟନ କରାଯାଇଛି। ସଚେତନ ନାଗରିକ, ଛାତ୍ରୀଛାତ୍ର ଭାବେ ଏହାର ଅନୁପାଳନ କରିବା ଆବଶ୍ୟକ। ପୋଲିସ ବିଭାଗର ଦାୟିତ୍ୱ ଏତେ ବଢ଼ିଗଲାଣି ଯେ, ସବୁବେଳେ ଯାଞ୍ଚ କରିବା ସମ୍ଭବ ହେଉନାହିଁ। ତଥାପି ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିଥିବା ଅଭିଯୋଗରେ ଜାନୁୟାରୀରୁ ଅଦ୍ୟାବଧି ୩୭୬ରୁ ଊର୍ଦ୍ଧ୍ୱ ମାମଲା ରୁଜୁ କରାଯାଇଛି।

-ଅଭିନବ ଡାଲୁଆ, କାମାକ୍ଷାନଗର ଥାନାଧିକାରୀ

### କଲେଜ ଛାତ୍ରୀଛାତ୍ରଙ୍କୁ ବାଧ୍ୟତାମୂଳକ କରାଯିବ



"କରୋନା ପରେ ମହାବିଦ୍ୟାଳୟ ଖୋଲିଛି। ଦୀର୍ଘଦିନ ଧରି ଶିକ୍ଷାନୁଷ୍ଠାନ ବନ୍ଦ ରହିଥିବାରୁ ଟିକେ ଢିଲା ହୋଇଯାଇଛି। କଲେଜକୁ ଆସୁଥିବା ଛାତ୍ରୀଛାତ୍ର ଟ୍ରାଫିକ୍ ନିୟମ ଉଲ୍ଲଂଘନ କରିବା ଶୁଭଙ୍କର ନୁହେଁ। ବାଇକ୍‌ରେ କଲେଜ ଆସୁଥିବା ପିଲାଙ୍କୁ ବାଧ୍ୟତାମୂଳକ ହେଲ୍‌ମେଟ୍ ପିନ୍ଧିବାକୁ କୁହାଯିବ। ଯେଉଁମାନେ ନ ମାନିବେ ସେମାନଙ୍କୁ ପ୍ରବେଶ ଅନୁମତି ଦିଆଯିବନି।

-ଡ. ରାମଚନ୍ଦ୍ର ସାହୁ, କାମାକ୍ଷାନଗର କଲେଜ ଅଧକ୍ଷ

### ନୂଆ ନିୟମ କଡ଼ାକଡ଼ି କରାଯାଇଛି



"ମଠକରଗୋଳା କଲେଜରେ ହେଲ୍‌ମେଟ୍ ପିନ୍ଧିବା ନିୟମ କଡ଼ାକଡ଼ି କରାଯାଇଛି। ବିନା ହେଲ୍‌ମେଟ୍‌ରେ କଲେଜ ଆସୁଥିବା ଛାତ୍ରୀଛାତ୍ରଙ୍କ ଯାନ କ୍ୟାମ୍ପସରେ ପ୍ରବେଶ ପାଇଁ ମନା କରାଯାଇଛି। ଏଥିଲାଗି ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି। ଅମାନିଆ ଛାତ୍ରୀଛାତ୍ର ଆସି ପାଟିତୁଣ୍ଡ କରୁଛନ୍ତି। ତଥାପି ନିୟମ ମାନିବାକୁ ସଚେତନ କରାଯାଉଛି।

-ଡ. ଚିତ୍ତରଞ୍ଜନ ଦାସ, ମଠକରଗୋଳା କଲେଜ ଅଧକ୍ଷ

### ଅଭିଭାବକ ଯତ୍ନବାନ୍ ହୁଅନ୍ତୁ



"ଆଇନ କାର୍ଯ୍ୟକାରୀ କରିବା ପାଇଁ ସମସ୍ତେ ଆଗେଇ ଆସିବା ଦରକାର। କେବଳ ଛାତ୍ର ନୁହେଁ, ଏ ଦିଗରେ ଅଭିଭାବକମାନେ ମଧ ଯତ୍ନବାନ୍ ହେବା ଉଚିତ। ପିଲାଙ୍କୁ ଗାଡ଼ି ଚଳାଇବାକୁ ଅନୁମତି ଦେବା ପୂର୍ବରୁ ହେଲ୍‌ମେଟ୍, ଲାଇସେନ୍ସ ଅଛି କି ନାହିଁ ଜାଣିବା ଦରକାର। ପ୍ରଭାବଶାଳୀ ପରିଚୟ ଦେଇ ଅନେକ ଆଇନ ଉଲ୍ଲଂଘନ କରୁଛନ୍ତି। ପୋଲିସ ଚାପମୁକ୍ତ ହୋଇ ଚଢ଼ାଉ କଲେ ଆଇନର ସୁଫଳ ମିଳିପାରନ୍ତା।

-ମଙ୍ଗୁତ୍‌ଲାଲ କଟରୁକା, ସାମାଜିକ କର୍ମୀ

### ଅବସରପ୍ରାପ୍ତ ଯବାନଙ୍କ ଘରେ କଳାକନା ବୁଲାଇଲେ



ଅଭିଯୁକ୍ତମାନେ ଘରୁ ଲୁଟ୍‌ପାଟ୍ କରିଛନ୍ତି।

**ଭୁବନ, ୯।୨(ଡି.ଏନ.ଏ.)**

ଢେଙ୍କାନାଳ ଜିଲା ଭୁବନ ଥାନା ଅନ୍ତର୍ଗତ ପଳାସପିଠିଆ ଗ୍ରାମର ଅବସରପ୍ରାପ୍ତ ସିଆର୍‌ପିଏଫ୍ ଯବାନ ବିରଞ୍ଚିନାରାୟଣ ମହାପାତ୍ରଙ୍କ ଘରୁ ସୋମବାର ବିଳମ୍ବିତ ରାତିରେ ବଡ଼ ଧରଣର ଚୋରି ହୋଇଛି। ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କାର ସୁନାଗହଣା, ନଗଦ ୭୦ ହଜାର ଟଙ୍କା ନେଇଯାଇଥିବା ସେ ମଙ୍ଗଳବାର ଥାନାରେ ଅଭିଯୋଗ କରିଛନ୍ତି। ସବୁଦିନ ପରି ସୋମବାର ରାତିରେ ପରିବାର ସଦସ୍ୟ ଖାଇସାରି ଶୋଇଥିଲେ। ମଧ୍ୟରାତ୍ରିରେ ଘରେ କେହି ପଶିଥିବା ଜାଣିପାରି ଘର ଲୋକେ ଉଠିଥିଲେ। ସେତେବେଳକୁ ଶୋଇବା ଘର ବାହାର ପଟୁ କବାଟ ବନ୍ଦ ଥିଲା। ମୋବାଇଲ୍ ଫୋନ୍ ସହାୟତାରେ ପାଖପଡ଼ୋଶୀଙ୍କୁ ସୂଚନା ଦେବାପରେ ସେମାନେ ଆସି କବାଟ ଖୋଲିଥିଲେ। ଅଭିଯୁକ୍ତମାନେ ୩୦ ଗ୍ରାମ ଓଜନର ଅଳଙ୍କାର, ୭୦ ହଜାରରୁ ଊର୍ଦ୍ଧ୍ୱ ଟଙ୍କା ନେଇଯାଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଏ ନେଇ ନଂ.୫୫/୨୧ରେ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଜାରି ରଖିଛି।

### ବିଶ୍ୱଭୂଷଣ ସଭାପତି, ଅଭିଷେକ ସମ୍ପାଦକ



ସଂଘର ନବନିର୍ବାଚିତ କର୍ମକର୍ତ୍ତାମାନେ।

**ଢେଙ୍କାନାଳ ଅଫିସ, ୯।୨**

ଢେଙ୍କାନାଳ ଓଏସ୍ଏପି ପ୍ରଥମ ବାଟାଲିୟନ ହାବିଲଦାର ଓ ସିପାହି ଶାଖା ସଂଘର ନିର୍ବାଚନ ଫଳାଫଳ ସୋମବାର ଘୋଷଣା କରାଯାଇଛି। ସଭାପତି ବିଶ୍ୱଭୂଷଣ ବିଶ୍ୱାଳ ଏବଂ ସମ୍ପାଦକ ଭାବେ ଅଭିଷେକ ମିଶ୍ର ନିର୍ବାଚିତ ହୋଇଛନ୍ତି। ସେହିପରି ଉପସଭାପତି ତୋଷରାଜ ପ୍ରଧାନ, ସହ ସମ୍ପାଦକ ଅଜିତ ପରିଡ଼ା, ବିଶ୍ୱଜିତ ଦାସ, କୋଷାଧକ୍ଷ ଦେବରାଜ ଦାସ, କାର୍ଯ୍ୟକାରିଣୀ ସଭ୍ୟ ନିବାରଣ ଦାସ, ପ୍ରଣବ ପାଢ଼ୀ, ଦିବ୍ୟଲୋଚନ ସାହୁ, ମନୋରଞ୍ଜନ ମୁଦୁଲି, ପ୍ରଶାନ୍ତ ନାୟକ ପ୍ରମୁଖ ନିର୍ବାଚିତ ହୋଇଛନ୍ତି। ଡେପୁଟି କମାଣ୍ଡାଣ୍ଟ ଲୋଚନ ପଶାୟତ, ସହକାରୀ କମାଣ୍ଡାଣ୍ଟ ରମେଶ ଚନ୍ଦ୍ର ମହାଲିକଙ୍କ ତତ୍ତ୍ୱାବଧାନରେ ଭୋଟଗଣତି କରାଯାଇଥିବାବେଳେ କମାଣ୍ଡାଣ୍ଟ ସୁଧୀର କୁମାର ବେହେରାଙ୍କ ଉପସ୍ଥିତିରେ ଫଳାଫଳ ଘୋଷଣା ହୋଇଥିଲା। ନିର୍ବାଚନ ଲାଗି ଗତ ୨୭ ତାରିଖରେ ନାମାଙ୍କନପତ୍ର, ୫ ତାରିଖରେ ଭୋଟଗ୍ରହଣ ଏବଂ ୮ ତାରିଖରେ ଫଳାଫଳ ଘୋଷଣା କରାଯାଇଥିଲା। ନିର୍ବାଚନରେ ୪୯୬ଜଣ ଅଂଶଗ୍ରହଣ କରିଥିଲେ।

# ପ୍ରଚାର ପାଇଁ ଡଙ୍ଗାରେ ଗଲେ ବିଧାୟକ

**ଜିଲା ପରିଷଦ ଉପନିର୍ବାଚନ**

**ଢେଙ୍କାନାଳ ଅଫିସ, ୯।୨**

ଢେଙ୍କାନାଳ ଜିଲା ପରଜଙ୍ଗ ବ୍ଲକ ୩ନଂ. ଜୋନ୍ ଜିଲା ପରିଷଦ ଆସନ ଲାଗି ଚଳିତ ୧୧ ତାରିଖରେ ଉପନିର୍ବାଚନ ଅନୁଷ୍ଠିତ ହେବ। ଏହି ଜୋନ୍‌ଟି ଭାଜପା ଅଧୀନରେ ଥିଲା। ଜିଲା ପରିଷଦ ସଦସ୍ୟଙ୍କ ମୃତ୍ୟୁ ପରେ ଏଠାରେ ଉପନିର୍ବାଚନ ଅନୁଷ୍ଠିତ ହେଉଛି। ଏହା ବିଜେଡି ଏବଂ ଭାଜପା ପାଇଁ ସମ୍ମାନର ପ୍ରଶ୍ନ ହୋଇଥିବାବେଳେ ଉଭୟ ଦଳ ମଧ୍ୟରେ ତୀବ୍ର ପ୍ରତିଦ୍ୱନ୍ଦ୍ୱିତା ହେଉଛି। ଏହି ପରିପ୍ରେକ୍ଷୀରେ ମଙ୍ଗଳବାର ନିର୍ବାଚନ ପ୍ରଚାର ପାଇଁ ବିଧାୟକ ସୁଧୀର କୁମାର ସାମଲ ନିଜ ଗ୍ରାମ ଓଡ଼ାପଡ଼ା ବ୍ଲକ ଖଡଗପ୍ରସାଦରୁ ଡଙ୍ଗାରେ ବ୍ରାହ୍ମଣୀ ନଦୀ ପାର ହୋଇ ପରଜଙ୍ଗ ୩ନଂ. ଜିଲା ପରିଷଦ ଜୋନ୍ ଅନ୍ତର୍ଗତ ଗ୍ରାମଗୁଡ଼ିକରେ ପ୍ରଚାର କରିଛନ୍ତି। ତାଙ୍କ ସହିତ ଜିଲା ବିଜେଡି କୃଷକ ମୋର୍ଚ୍ଚା ସଭାପତି ନରୋତ୍ତମ ସାହୁ ମଧ ଯାଇଥିଲେ।

ଏ ସମ୍ପର୍କରେ ବିଧାୟକ ନିଜ ପ୍ରତିକ୍ରିୟାରେ କୁହନ୍ତି, ଖଡଗ୍‌ପ୍ରସାଦ ସହିତ ନଦୀ ଅପରପାର୍ଶ୍ୱରେ ଅବସ୍ଥିତ ପରଜଙ୍ଗ ବ୍ଲକର ରୋଡ, ପାଟରପଦା ଆଦି ଗ୍ରାମର ବ୍ୟବସାୟିକ ଏବଂ ସାମାଜିକ ସମ୍ପର୍କ ଦୀର୍ଘଦିନର। ପର୍ବପର୍ବାଣିରେ ଉଭୟ ପାର୍ଶ୍ୱର ଲୋକେ ଭାବ ବିନିମୟ କରିଥାନ୍ତି। ପିଲାଦିନେ ନଦୀରେ ପହଁରି ପରଜଙ୍ଗ ଅଞ୍ଚଳକୁ ଯାଉଥିଲୁ। ଏବେ ବଡ଼କମର ନିକଟରେ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ରାହ୍ମଣୀ ନଦୀ ଉପରେ ସେତୁ ନିର୍ମାଣ ହେବ। ଏହା ଖଡଗପ୍ରସାଦକୁ ସଂଯୋଗ କରିବ। ଏଥିଲାଗି ୧୫୪ କୋଟି ଟଙ୍କା ବ୍ୟୟ ଅଟକଳ କରାଯାଇଛି। ଟେଣ୍ଡର ପ୍ରକ୍ରିୟା ଚୂଡ଼ାନ୍ତ ପର୍ଯ୍ୟାୟରେ। ସେତୁ ନିର୍ମାଣ ହେଲେ ଢେଙ୍କାନାଳରୁ ଓଡ଼ାପଡା ବ୍ଲକର ଖଗଡପ୍ରସାଦ ଦେଇ ପରଜଙ୍ଗ ଅଞ୍ଚଳକୁ ଗମନାଗମନ ସମସ୍ୟା ଦୂର ହେବ।



ବିଧାୟକ ଦଳୀୟ କର୍ମୀଙ୍କ ସହ ଡଙ୍ଗାରେ ନଦୀ ପାର ହେଉଛନ୍ତି।

# ଗୋଠ ଛାଡ଼ି ଗାଁରେ ଦନ୍ତା

**ଢେଙ୍କାନାଳ ଅଫିସ, ୯।୨**



- ହିନସ୍ତା କରୁଛନ୍ତି ଗୋଟିକିଆ ହାତୀ
- ୫ ସପ୍ତାହରେ ଗଲାଣି ୪ ଜୀବନ
- ସୃଷ୍ଟି ହେଉଛି ଆଇନଶୃଙ୍ଖଳା ପରିସ୍ଥିତି
- ଚିନ୍ତାରେ ବନ କର୍ମଚାରୀ, ପୋଲିସ

ମିଳନ ପାଇଁ ବ୍ୟାକୁଳ ଦନ୍ତା ଗୋଠରୁ ଅଲଗା ହୋଇ ଜନବସତିରେ ଆରମ୍ଭ କରିଛନ୍ତି ଉପଦ୍ରବ। ପାଖାପାଖି ମାସେ ହେଲା ସେମାନଙ୍କ ହିଂସ୍ର ଆଚରଣରେ ଅତିଷ୍ଠ ହୋଇପଡ଼ିଛନ୍ତି ଢେଙ୍କାନାଳ ଜିଲାର ହାତୀ ଉପଦ୍ରୁତ ଅଞ୍ଚଳବାସୀ। ଗୋଟିଏ କି ଦୁଇଟି ନୁହେଁ, ଜିଲାର ୮ ସ୍ଥାନରେ ସମାନ ସମସ୍ୟା ସୃଷ୍ଟି ହୋଇଛି। ବର୍ଷ ଆରମ୍ଭରୁ ଅଦ୍ୟାବଧି ସେମାନଙ୍କ ହାବୁଡ଼ରେ ପଡ଼ି ୪ଜଣଙ୍କ ଜୀବନ ଗଲାଣି। ଏହାକୁ ନେଇ ବିଭିନ୍ନ ସମୟରେ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଥିବାବେଳେ ଚିନ୍ତାରେ ପଡ଼ିଛନ୍ତି ବନ କର୍ମଚାରୀ ଏବଂ ପୋଲିସ।

ଢେଙ୍କାନାଳ ଜିଲା ବନ ବିଭାଗର ମୁଣ୍ଡବ୍ୟଥା ବଢ଼ାଇଛି ଗୋଟିକିଆ ଦନ୍ତା। ହାତୀଙ୍କୁ ଘଉଡ଼ାଇବାରେ ବନ କର୍ମଚାରୀଙ୍କ ସମସ୍ତ ଉଦ୍ୟମ ବିଫଳ ହୋଇଛି। ଗତ ଜାନୁୟାରୀରୁ ଫେବୃୟାରୀ ପ୍ରଥମ ସପ୍ତାହ (୫ ସପ୍ତାହ) ମଧ୍ୟରେ ହାତୀ ଆକ୍ରମଣରେ ୪ଜଣଙ୍କ ମୃତ୍ୟୁ ଘଟିଛି। ଜାନୁୟାରୀ ୧୯ରେ ସଦର ରେଞ୍ଜ୍ ଗହମଖୁଣ୍ଟି ଗ୍ରାମର ଚାଷୀ ରମେଶ ସାହୁ, ୨୬ ତାରିଖରେ ଦାମୋଦରନାଳୀଠାରେ ଲଛମନ ମହାନ୍ତି, ୩୧ରେ ଗୋବିନ୍ଦପୁରରେ ଚାଷୀ ପ୍ରଶାନ୍ତ ରାଉତ ଏବଂ ଫେବୃୟାରୀ ୮ରେ ହିନ୍ଦୋଳ ରେଞ୍ଜ୍ ରାସୋଳ ଥାନା ମାନିଆନାଳରେ ରବି ରାଉତଙ୍କ ଜୀବନ ନେଇଛି ଗୋଠଛଡା ଦନ୍ତା।

ଅବାଧ ବିଚରଣ କରୁଥିବା ଦନ୍ତା ଭୟ କାରଣରୁ ସନ୍ଧ୍ୟା ହେଲେ ଗ୍ରାମ ରାସ୍ତା ଶୂନ୍‌ଶାନ ହୋଇପଡୁଛି। ଧନଜୀବନ ହାନି ଆଶଙ୍କାରେ ହାତୀ ପାଇଁ ରାତି ଉଜାଗର ରହୁଛନ୍ତି ଗ୍ରାମବାସୀ। ଚାଷୀ କ୍ଷେତକୁ ଯାଇପାରୁନାହାନ୍ତି। ଅପରପକ୍ଷେ ହାତୀ ଉପଦ୍ରବ ରୋକିବାକୁ ଅଣାଯାଇଥିବା 'ଐରାବତ' ଯାନକୁ ସଦର ରେଞ୍ଜ ଅଞ୍ଚଳରେ ମୁତୟନ କରାଯାଇଛି। ହେଲେ ଗୋଟିକିଆ ହାତୀଙ୍କୁ ଘଉଡ଼ାଇବାରେ ଏହା ସେତେଟା ସଫଳ ହୋଇପାରୁନାହିଁ। ହାତୀ ଆକ୍ରମଣଜନିତ ମୃତ୍ୟୁ ଏବଂ କ୍ଷୟକ୍ଷତିକୁ ନେଇ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେଉଛି, ଯାହା ଏବେ ବନ ବିଭାଗ ଏବଂ ପୋଲିସ କର୍ମଚାରୀଙ୍କ ଚିନ୍ତା ବଢ଼ାଇଛି।

### ମିଳନ ପାଇଁ ବ୍ୟାକୁଳ ହୋଇ କରୁଛନ୍ତି ଉପଦ୍ରବ



"ସାଧାରଣତଃ ଡିସେମ୍ବରରୁ ଜାନୁୟାରୀ ହେଉଛି ହାତୀଙ୍କ ମିଳନ ସମୟ। ଏହି ସମୟରେ ଦନ୍ତାହାତୀ ଦଳରୁ ଅଲଗା ହୋଇ ଅଧିକ ଉପଦ୍ରବ କରିଥାନ୍ତି। ଫେବୃୟାରୀ ପରେ ଦନ୍ତାହାତୀଙ୍କ ଏହି ପ୍ରବୃତ୍ତି ସ୍ୱାଭାବିକ ଭାବେ କମିଯାଏ। ଜିଲାର ୮ ସ୍ଥାନରେ ଏଭଳି ଗୋଟିକିଆ ଦନ୍ତା ହାତୀ ଉତ୍ପାତ କରୁଛନ୍ତି। ଆକ୍ରମଣରେ ଧନଜୀବନ ହାନି ଘଟୁଛି। ଗୋଟିକିଆ ଦନ୍ତା ବିଚରଣ କରୁଥିବା ସ୍ଥାନଗୁଡ଼ିକ ଉପରେ ବନ ବିଭାଗ ତୀକ୍ଷ୍ଣ ନଜର ରଖିଛି। ହାତୀଙ୍କୁ ଘଉଡ଼ାଇବା ଲାଗି ବନ କର୍ମଚାରୀ ଉଦ୍ୟମ ଚଳାଇଛନ୍ତି।

–ଡା. ପ୍ରକାଶଚାନ୍ଦ ଗୋଗିନେନି, ଜିଲା ବନଖଣ୍ଡ ଅଧିକାରୀ

### ଘଉଡ଼ାଇବାରେ ବନ ବିଭାଗ ବିଫଳ



"ଗୋଠରୁ ଅଲଗା ହୋଇଥିବା ଏକ ଦନ୍ତା ହାତୀ ପାଇଁ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହିଛନ୍ତି। ସଦର ବ୍ଲକ ବେଲଟିକିରି, ନାଗିଆପଶି, କାଇମାଟି, ସୋଗରପଶି ପଞ୍ଚାୟତରେ ହାତୀଟି ଘୂରିବୁଲୁଛି। ସନ୍ଧ୍ୟା ହେଲେ ପଦାକୁ ବାହାରିବାକୁ ଗ୍ରାମବାସୀ ଭୟ କରୁଛନ୍ତି। ବନ କର୍ମଚାରୀ ହାତୀ ଘଉଡ଼ାଇବାରେ ସମ୍ପୂର୍ଣ୍ଣ ବିଫଳ।

–ବଳଭଦ୍ର ସାମଲ, ବେଲଟିକିରି

### ଉଜୁଡ଼ିଗଲାଣି କାଜୁ ବଗିଚା



"ହାତୀ ପାଇଁ ନିଦ ହଜିଯାଇଛି। ଗୋବିନ୍ଦପୁର ଗ୍ରାମ ନିକଟବର୍ତ୍ତୀ ଅଞ୍ଚଳରେ ଥିବା କାଜୁ ବଗିଚାକୁ ହାତୀ ସମ୍ପୂର୍ଣ୍ଣ ଉଜାଡ଼ି ଦେଲାଣି। ବନ ବିଭାଗର ହାତୀ ଘଉଡ଼ାଇବା କେବଳ ପ୍ରତିଶ୍ରୁତିରେ ସୀମିତ ରହିଛି। ହାତୀ ଅଞ୍ଚଳ ଛାଡ଼ି ଯାଉ ନ ଥିବାରୁ ଚିନ୍ତା ବଢ଼ିବାରେ ଲାଗିଛି। ଲୋକମାନେ ଭୟ ଓ ଆତଙ୍କରେ ଦିନ କାଟୁଛନ୍ତି।

–ସନ୍ତୋଷ ସ୍ୱାଇଁ, ଗୋବିନ୍ଦପୁର

### କଟକଣା ଯାଞ୍ଚ କଲେ ଉପଜିଲାପାଳ

**ବଇଣ୍ଡା, ୯।୨(ଡି.ଏନ.ଏ.)**

ସ୍କୁଲଗୁଡ଼ିକରେ କରୋନା କଟକଣା କିପରି ପାଳନ କରାଯାଉଛି ତାହାର ଯାଞ୍ଚ କରିଛନ୍ତି ଆଠମଲ୍ଲିକ ଉପଜିଲାପାଳ ଲଳିତ ମୋହନ ବେହେରା। ସୋମବାର ଉପଜିଲାପାଳ କିଶୋରନଗର ହାଇସ୍କୁଲରେ ପହଞ୍ଚି ଶ୍ରେଣୀଗୃହ ପରିଦର୍ଶନ କରିଥିଲେ। ସମସ୍ତ ଛାତ୍ରୀଛାତ୍ରଙ୍କୁ କଟକଣା ମାନିବା, ମାସ୍କ ବ୍ୟବହାର ଓ ନିୟମିତ ସାବୁନରେ ହାତ ଧୋଇବାକୁ ପରାମର୍ଶ ଦେଇଥିଲେ। ପ୍ରଧାନଶିକ୍ଷକ ଓ ଅନ୍ୟ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ସହ ଆଲୋଚନା କରିଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି ସ୍ୱରଚିତ ପୁସ୍ତକ 'ଜୀବନର ବୃତ୍ତଚିତ୍ର' ଉପଜିଲାପାଳଙ୍କୁ ଉପହାର ଭାବେ ପ୍ରଦାନ କରିଥିଲେ।



ଶିକ୍ଷକମାନଙ୍କ ସହ ଆଲୋଚନା କରୁଛନ୍ତି ଉପଜିଲାପାଳ।

